ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.222, Bhubaneswar Wednesday, October 16, 2019 | ୨୨ତମ ବର୍ଷ ସଂଖ୍ୟା-୨୨୨ ଭୁବନେଶ୍ୱର ବୁଧବାର, ଅକ୍ଟୋବର ୧୬, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ବ୍ୟାଙ୍କ କର୍ମଚାରୀଙ୍କ ଠାରୁ ୧୧ ଲକ୍ଷ ୩୫ ହଜାର ଲୁଟ୍

ରାଉରକେଲା, ୧୫।୧୦(ପି.ଏନ): ରାଉରକେଲାରୁ ୨୦ କିଲୋମିଟର ଦୂରରେ ଥିବା କୁଆଁରମୁଣ୍ଡା ପଚାଂୟତ ଅଫିସ ସମ୍ମୁଖରୁ ଆଜି ସକାଳୁ ଆଇସିଆଇସିଆଇ ବ୍ୟାଙ୍କ କର୍ମଚାରୀ ମାନଙ୍କ ଠାରୁ ୪ ଜଣ ଦୁର୍ବୃତ ବନ୍ଧୁକ ମୁନରେ ୧୧ ଲକ୍ଷ ୩୫ ହଜାର ୬୦୦ ଟଙ୍କା ଲୁଟିନେଇ ଫେରାର୍ ହୋଇଯାଇଥିବା ବେଳେ ବ୍ୟାଙ୍କ କର୍ମଚାରୀଙ୍କୁ ମାଡ ଓ ଘଟଣାସ୍ଥଳରେ ଗୋଟିଏ ରାଉଣ୍ଡ ଗୁଳି ଫୁଟିଥିବା ଜଣାପଡିଛି । ଖବରରୁ ପ୍ରକାଶ ଯେ, ଆଜି ସକାଳ ପ୍ରାୟ ୭.୩୦ ମିନିଟ୍ ସମୟରେ ରାଉରକେଲା ଆଇସିଆଇସିଆଇ ବ୍ୟାଙ୍କରୁ ସୁରକ୍ଷା କର୍ମୀଙ୍କ ସହ ଏହି ଟଙ୍କାକୁ ଏକ ବାକ୍ସରେ ଧରି ବ୍ୟାଙ୍କ କ୍ୟାସିଅର ଓ ଡ୍ରାଇଭର କୁଆଁରମୁଣ୍ଡା ପଚାଂୟତ ଅଫିସ ସମ୍ମୁଖରେ ପହଁଚିବା କ୍ଷଣି ସେଠାରେ ପୂର୍ବରୁ ୩ଟି ମୋଟର ସାଇକେଲ ସହ ଜଗି ରହିଥିବା ୪ଜଣ ମୁଖା ପିନ୍ଧା ଯୁବକ ଏମାନଙ୍କୁ କାବୁ କରିନେଇ ଟଙ୍କା ବାକ୍ସକୁ ଲୁଟିବା ଲାଗି ଉଦ୍ୟମ କରିଥିଲେ । ପରେ ସାଙ୍ଗରେ ଥିବା ସୁରକ୍ଷା କର୍ମୀ ଗୋଟିଏ ରାଉଣ୍ଡ ଗୁଳି ଚଳାଇବା କ୍ଷଣି ତାଙ୍କ ବନ୍ଧୁକ ବ୍ୟାରେଲକୁ ଦୁର୍ବୃତ ମାନେ ମୋଡି ଭାଙ୍ଗି ଦେଇ ସମସ୍ତଙ୍କୁ ନିସ୍ତୁକ ମାଡ ଦେଇ ଟଙ୍କା ଥଳିକୁ ଧରି ଫେରାର ହୋଇଯାଇଥିଲେ ।ସେମାନେ ୩ଟି ବନ୍ଧୁକ ଧରିଥିବାରୁ ସେ ଯାଗାକୁ ଦେଖଣାହାରୀ ମଧ ଯିବାକୁ ସାହାସ କରିନଥିବା କୁହାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରତି ମାସରେ ଏହି ବ୍ୟାଙ୍କ ତା'ର କର୍ମଚାରୀ ମାନଙ୍କ ଦ୍ୱାରା କୁଆଁରମୁଣ୍ଡା ପଚାଂୟତ ଅଫିସକୁ ଟଙ୍କା ପଠାଇଥାଏ । ଏହି ଟଙ୍କା ବାର୍ଦ୍ଧକ୍ୟ ଓ ବିଧବା ଭତା ବାବଦେ ଆସିଥାଏ । ଖରା ବଢିବାର ଆଶଙ୍କା କରି ସକାଳୁ ଏହି ଟଙ୍କା ବଂଟା ଯାଇଥାଏ । ଆଜି ପୂର୍ବରୁ ଯୋଜନା କରି ଦୁର୍ବୃତ ମାନେ ବ୍ୟାଙ୍କର ଏହି ଗାଡିକୁ ଟାର୍ଗେଟ କରିଥିଲେ । ଯଦି ଏଭଳି ଭାବେ ସରକାରଙ୍କ ଟଙ୍କା ପ୍ରତି ମାସରେ ବଂଟାଯାଉଥିଲା ତେବେ ସେଠାରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯିବା ନିହାତି ଆବଶ୍ୟକ ଥିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । କୁଆଁରମୁଣ୍ଡା ପୁଲିସ ଖବର ପାଇ ସୀମା ଗୁଡିକୁ ସିଲ୍ କରି ତଦନ୍ତ ଚଳାଇଛି ।

## କଂଗ୍ରେସ ଦଳ ପକ୍ଷରୁ ଦୁର୍ନୀତିର ତଦନ୍ତ ଦାବୀରେ ଧାରଣା

ରାଉରକେଲା, ୧୫।୧୦(ପି.ଏନ): ରାଉରକେଲା ସହରର ଛେଣ୍ଡ କଲୋନୀ ଠାରେ ଥିବା ସେଂଟ୍ରାଲ ପାର୍କ ନିର୍ମାଣରେ ୧ କୋଟି ୮୨ ଲକ୍ଷ ଖର୍ଚ୍ଚ ନାମରେ ବ୍ୟାପକ ହରିଲୁଟ ହୋଇଥିବା ଅଭିଯୋଗ କରି ଆଜି ସେଂଟ୍ରାଲ ପାର୍କ ସମ୍ମୁଖରେ କଂଗ୍ରେସଦଳ ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା କରାଯାଇଛି । ଏହି ପାର୍କ ତିଆରି ହେବା ଦିନଠାରୁ ସଫେଇ ହୋଇ ନଥିବାବେଳେ ପାର୍କରେ ଥିବା ପୋଖରୀରେ ୪୩ ଲକ୍ଷ ଟଙ୍କାର ସୁଇମିଂ ବୋଟ୍ ଗଲା କୁଆଡେ ବୋଲି ପ୍ରଶ୍ନ କରାଯାଇଛି । ଅତ୍ୟନ୍ତ ନିମ୍ନ ମାନର କାମ କରାଯାଇ ଏଥିରେ ବ୍ୟାପକ ହରିଲୁଟ୍ କରାଯାଇଛି ବୋଲି ଦଳ ପକ୍ଷରୁ ଅଭିଯୋଗ ହୋଇଛି । ତେଣୁ ରାଜ୍ୟ ଭିଜିଲାନ୍ସ ଏହାର ତଦନ୍ତ କରୁ ବୋଲି ସେମାନେ ଦାବୀ କରିଛନ୍ତି ।



ଲୋକସଭା ଭବନରେ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ପିପିପି ପ୍ରୋଜେକ୍ଟର ଉଚ୍ଚସ୍ତରୀୟ ସମୀକ୍ଷା କରୁଛନ୍ତି

## କୋର୍ଟରୁ ଅଭିଯୁକ୍ତ ଫେରାର ଘଟଣାରେ ୪ ଜଣ ନିଲମ୍ବିତ

କେନ୍ଦୁଝର, ୧୫।୧୦(ପି.ଏନ): କେନ୍ଦୁଝର କୋର୍ଟରେ ବିଚାର ଚାଲିଥିବାବେଳେ ସେହି ମାମଲରେ ଅଭିଯୁକ୍ତ ରହିଥିବା ବାପ ପୁଅ ସମସ୍ତଙ୍କ ଅଜ୍ଞାତରେ ଚତୁରତାର ସହ ଫେରାର ହୋଇଯିବା ଘଟଣାରେ କୋର୍ଟର ସି.ଏସ୍.ଆଇ ଓ ଅନ୍ୟ ତିନିଜଣ ପୋଲିସ କର୍ମଚାରୀଙ୍କୁ ଏସ୍.ପି. ମିତ୍ରଭାନୁ ମହାପାତ୍ର ନିଲମ୍ବନ କରିଛନ୍ତି । ଗତ ୧୩ ତାରିଖ ଦିନ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ସରୁଆଳି ଗ୍ରାମରେ ଦାସ ଖୁଂଟିଆ ଓ ଅନୀଲ ଖୁଂଟିଆଙ୍କ ନାମରେ ଜାତିଆଣ ଆକ୍ଷେପ ସହ ଅନ୍ୟ କେତେକ ଅଭିଯୋଗ ଆସିଥିଲା । ଏହି ଘଟଣାରେ ଦାସ ଖୁଂଟିଆ ଓ ଅନୀଲ ଖୁଂଟିଆ ଦୁହେଁ ଆଗୁଆ ଜାମିନି ପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହୋଇଥିଲେ । ଉଚ୍ଚ ନ୍ୟାୟଳୟ ବାପ ଓ ପୁଅଙ୍କୁ ଜାମନି ପ୍ରଦାନ କରିବା ସହ ତଳ କୋର୍ଟରେ ହାଜିର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଉଚ୍ଚ ନ୍ୟାୟାଳଙ୍କ ନିର୍ଦ୍ଦେଶକୁ ପାଳନ କରିବା ଉଦ୍ଦେଶ୍ୟରେ ସେମାନେ ଓକିଲଙ୍କ ଜରିଆରେ ଜିଲ୍ଲା ଜଜଙ୍କ କୋର୍ଟରେ ହାଜର ହୋଇଥିଲେ । କିନ୍ତୁ ସେମାନଙ୍କ ଜାମିନିର ବିଚାର ଚାଲିଥିବାବେଳେ ଅଭିଯୁକ୍ତ ଦାସ ଖୁଂଟିଆ ଓ ଅନୀଲ ଖୁଂଟିଆ ଚତୁରତାର ସହ କୋର୍ଟରୁ ଫେରାର ହୋଇ ଯାଇଥିଲେ । ଏହି ଘଟଣାରେ କାର୍ଯ୍ୟରେ ଅବହେଳା ଅଭିଯୋଗରେ କୋର୍ଟ ସି.ଏସ୍.ଆଇ. ଦୁଷ୍ମନ୍ତ ସିଂଙ୍କ ସମେତ ଡ୍ୟୁଟି ଥିବା କନେଷ୍ଟବଳ ମନୋରମା ସେଠୀ , ଶିବାନୀ ନାଏକ , ରେଣୁବାଳା ମହାନ୍ତିଙ୍କୁ ଏସ.ପି. ମିତ୍ରଭାନୁ ମହାପାତ୍ର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି । ଫେରାର ଅଭିଯୁକ୍ତ ବାପ ଓ ପୁଅଙ୍କ ମଧ୍ୟରୁ ପୁଅ ଅନୀଲ ଖୁଂଟିଆକୁ ପୋଲିସ ଗାଁରୁ ଗିରଫ କରିଥିବାବେଳେ ବାପର ସନ୍ଧାନ ମିଳିପାରିନାହିଁ ।

## ଜନସାଧାରଣ ବିଜେପିକୁ ଅପାର ସଂଖ୍ୟାଗରିଷ୍ଠତା ଦେବାକୁ ନିଷ୍ପତି ନେଇଛନ୍ତି - ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ, ୧୫।୧୦(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ହରିଆଣାରେ ସାଧାରଣ ଲୋକ ମାନେ ବିଜେପିକୁ ଅପାର ସଂଖ୍ୟାଗରିଷ୍ଠତା ଦେଇ ପୁଣି ଥରେ କ୍ଷମତାକୁ ଆଣିବାକୁ ମନ ବଳାଇ ସାରିଛନ୍ତି । ହରିଆଣାର ଚରଖୀ ଦାଦରୀ ସେ ଏକ ଜନସଭାକୁ ସମ୍ବୋଧିତ କରି ଶ୍ରୀ ମୋଦି ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ହରିଆଣା ସହିତ ତାଙ୍କର ଖୁବ ଘନିଷ୍ଠତା ରହିଛି । ସେ ଅନେକ ଦିନ ଧରି ଏଠାରେ କାମ କରିଛନ୍ତି । ହରିଆଣା ତାଙ୍କୁ ଟାଣି ଆଣେ ବୋଲି ସେ କହିଛନ୍ତି । ଉଲ୍ଲେଖନୀୟ ଯେ ଦାଦରୀ ବିଧାନସଭା ସୀଟରୁ ଏଥର ପ୍ରସିଦ୍ଧ ମହିଳା ପହଲବାନ ବବିକା ଫୋଗଟ ଭାରତୀୟ ଜନତା ପାର୍ଟିରୁ ପ୍ରାର୍ଥୀ ହୋଇଛନ୍ତି ।

**ନନ୍ଦନକାନନରେ ମହାବଳ ଶୁଭ୍ରାଂଶୁର ମୃତ୍ୟୁ**

ଭୁବନେଶ୍ୱର, ୧୫।୧୦(ପି.ଏନ): ଭୁବନେଶ୍ୱର ସ୍ଥିତ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଏକ ଧଳା ମହାବଳବାଘ ଶୁଭ୍ରାଂଶୁର ମଙ୍ଗଳବାର ମୃତ୍ୟୁ ଘଟିଛି । ରକ୍ତ ଜନିତ ରୋଗରେ ଆକ୍ରାନ୍ତ ହୋଇ ଶୁଭ୍ରାଂଶୁ ଗତ ୧ ମାସ ଧରି ଚିକିତ୍ସିତ ହେଉଥିଲା । ଓୟୁଏଟି ବିଶେଷଜ୍ଞ ମାନେ ତାର ଚିକିତ୍ସା କରୁଥିଲେ । ନନ୍ଦନକାନନ ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାଶ କହିଛନ୍ତି ଆଜି ଦିନ ୧୦ଟା ୧୫ରେ ତା'ର ମୃତ୍ୟୁ ହୋଇଛି । 'ଶୁଭ୍ରାଂଶୁ' ରକ୍ତଜନିତ ସଂକ୍ରମଣରେ ପୀଡ଼ିତ ଥିଲା । ମାସେ ହେଲା ତା'ର ଚିକିତ୍ସା ଚାଲିଥିଲା । ତେବେ ଶନିବାର ସେ ହଠାତ୍ ପଡ଼ିଯିବା ପରଠୁ ଆଉ ଖାଦ୍ୟ ଗ୍ରହଣ କରୁ ନଥିଲା । ଓୟୁଏଟିର ବିଶେଷଜ୍ଞଙ୍କ ଦ୍ୱାରା ତା'ର ଚିକିତ୍ସା ଚାଲିଥିଲା । 'ଶୁଭ୍ରାଂଶୁ'ର ମୃତ୍ୟୁ ପରେ ଏବେ ନନ୍ଦନକାନନରେ ୧୨ଟି ଅଣ୍ଡିରା ଓ ୧୩ଟି ମାଈ ବାଘ ଥିବା ଜଣାପଡ଼ିଛି ।ଉଲ୍ଲେଖଯୋଗ୍ୟ ଯେ ହରପିସ୍ ଭାଇରସ୍ ସଂକ୍ରମଣ ଯୋଗୁଁ ନନ୍ଦନକାନନରେ ଏଯାବତ୍ ୫ ଟି ହାତୀର ମୃତ୍ୟୁ ଘଟିସାରିଲାଣି ।

## ୫-ଟି ସ୍ୱତନ୍ତ୍ର ସଚୀବଙ୍କ ଟିମ୍ କେନ୍ଦ୍ରାପଡ଼ାରେ

କେନ୍ଦ୍ରାପଡ଼ା, ୧୫।୧୦(ପି.ଏନ): ୫-ଟି ସ୍ୱତନ୍ତ୍ର ସଚୀବ ଭି. କାର୍ତିକେୟନ୍ ପାଣ୍ଡିଆନ୍ ମଙ୍ଗଳବାର ପୂର୍ବାହ୍ନରେ କେନ୍ଦ୍ରାପଡାକୁ ଅଚାନକ ଗସ୍ତ କରିଛନ୍ତି । ଏହି ଗସ୍ତ ସମୟରେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ, ବଳଦେବଜୀଉ ମନ୍ଦିର, ଶାମଗୁଡିଆସ୍ଥିତ ମାତୃ ଶିଶୁ ସ୍ୱତନ୍ତ୍ର ନିର୍ମାଣାଧିନ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପରିଦର୍ଶନ ସମୟରେ ବିଭିନ୍ନ ୱାର୍ଡ ବୁଲି ଦେଖିବା ସହିତ ରୋଗୀମାନଙ୍କ ସହ ଚିକିତ୍ସା ସମ୍ବନ୍ଧରେ ଆଲୋଚନା କରିଥିଲେ । ନିରାମୟରୁ ଔଷଧ କିଣିବା ପାଇଁ ଡାକ୍ତରମାନଙ୍କୁ ପରାମର୍ଶ କରିବାସହ ଅବହେଳା ପ୍ରଦର୍ଶନ କରିଥିବା ଡାକ୍ତର ଓ କର୍ମଚାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡାକ୍ତରଖାନା ପରିସରରେ ପାନୀୟ ଜଳ ଓ ରୋଗୀ ସଂପର୍କୀୟ ଓ ଝାଡା ପରିସ୍ରା ପାଇଁ ଶୌଚାଳୟ ନିର୍ମାଣ କରିବା ପାଇଁ ସିଡିଏମ୍ଓ ଡାକ୍ତର ଉର୍ମିଳା ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶାମଗୁଡିଆସ୍ଥିତ ମାତୃ ଶିଶୁ ସ୍ୱତନ୍ତ୍ର ନିର୍ମାଣାଧିନ ଚିକିତ୍ସାଳୟ ପରିବେକ୍ଷଣ କରି ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ଠିକାଦାର ଓ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗସ୍ତ ସମୟରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସହ ସ୍ୱାସ୍ଥ୍ୟ ମିଶନ୍‌ର ସଚିବ ଶାଳିନୀ ପଣ୍ଡିତ୍ ଓ ସଚିବ ସୁରେଶ ମହାପାତ୍ର ପ୍ରମୁଖଙ୍କ ସହିତ ଅନ୍ୟ ବରିଷ୍ଠ କର୍ମଚାରୀ ଉପସ୍ଥିତ ଥିଲେ ।

## ଆଜି ଠାରୁ ଦୁଇଦିନିଆ ବଲାଙ୍ଗୀର ବନ୍ଦ ଡାକରା

ଭୁବନେଶ୍ୱର, ୧୫।୧୦(ପି.ଏନ): ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବି କରି ବଲାଙ୍ଗୀର ଓକିଲ ସଂଘ ପକ୍ଷରୁ ଆସନ୍ତା କାଲି ଏବଂ ପଅର ଦିନ ଦୁଇ ଦିନ ଧରି ବଲାଙ୍ଗୀର ବନ୍ଦ ଡାକରା ଦିଆଯାଇଛି । ସ୍କୁଲ ଓ କଲେଜ ଖୋଲାରହିବା ସହିତ ଅତ୍ୟାବଶ୍ୟକ ସେବା ଖୋଲା ରହିବ । ଗାଡ଼ି ଚଳାଚଳ ସହିତ ଦୋକାନ ବଜାର ମଧ ଖୋଲା ରହିବ । କେବଳ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଫିସ ଗୁଡ଼ିକ ବନ୍ଦ ରହିବ ।

## ବିଶ୍ୱ ଉର୍ଜା ଦୃଶ୍ୟପଟ୍ଟରେ ମହତ୍ୱପୂର୍ଣ୍ଣ ରଣନୈତିକ ଭୂମିକାରେ ଉଭା ହେଉଛି ଭାରତ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫।୧୦(ପି.ଏନ): ସଂପ୍ରତି ଦ୍ୱିପାକ୍ଷିକ ବ୍ୟବସାୟିକ ସମ୍ପର୍କ ଗଢିବାରେ ଉର୍ଜା ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହୋଇଥିବା ବେଳେ ବିଶ୍ୱ ଉର୍ଜା ଦୃଶ୍ୟପଟ୍ଟରେ ଭାରତ ଏକ ମହତ୍ୱପୂର୍ଣ୍ଣ ରଣନୈତିକଭୂମିକାରେ ଉଭା ହେଉଛି ବୋଲି ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଆୟୋଜିତ ଇଣ୍ଡିଆନ୍ ଏନର୍ଜି ଫୋରମର ତୃତୀୟ ସଂସ୍କରଣରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗାମୀ ଦିନରେ ଭାରତ ଦାୟିତ୍ୱସମ୍ପନ୍ନ ଭାବେ ନିଜ ରାସ୍ତାରେ ଦେଶରେ ଉପଲବ୍ଧ ଉପାଦାନରୁ ଉର୍ଜାରେ ରୂପାନ୍ତରିତ କରିବ ଯାହା ବିଶ୍ୱର ଉର୍ଜା ଜଗତକୁ ବହୁଳ ଭାବରେ ପ୍ରଭାବିତ କରିବ । ଏପରି କିଛି ଉଦାହରଣ ଦେବାକୁ ଯାଇ ସେ କହିଛନ୍ତି ଯେ ୨୦୧୪-୧୫ରେ ଅକ୍ଷୟ ଉର୍ଜା ୧୦ ପ୍ରତିଶତ ଥିଲା, ଯାହା ଏବେ ତାହା ୨୨ ପ୍ରତିଶତରେ ପହଁଚିଲାଣି । ସେହିପରି ଇଥାନଲ ବ୍ଲେଣ୍ଡିଂ ୨୦୧୨-୧୩ରେ ୦.୬୭ ପ୍ରତିଶତ ଥିବାବେଳେ ଏବେ ଏହା ୬ ପ୍ରତିଶତକୁ ବୃଦ୍ଧି ହେଲାଣି । ଆଗାମୀ ୫ ବର୍ଷ ମଧ୍ୟରେ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରଖିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣରେ ଏହି ଲକ୍ଷ୍ୟକୁ ଭାରତ ହାସଲ କରିବାର କ୍ଷମତା ରଖିଛି । ଭାରତୀୟ ଉର୍ଜା କ୍ଷେତ୍ର ଏହି ଲକ୍ଷ୍ୟକୁ ହାସଲ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବେଲି ସେ କହିଛନ୍ତି । ୨୦୩୦ ସୁଦ୍ଧା ଅକ୍ଷୟ ଉର୍ଜା କ୍ଷମତାକୁ ୪୫୦ ଜିଗା ୱାଟ୍ ବୃଦ୍ଧି କରାଯିବ ଏବଂ ଏହାଦ୍ୱାରା ପରିବେଶ ସନ୍ତୁଳନ ଠିକ୍ ରହିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଆଜି ଦିନରେ ଆମେରିକା ଓ ଚୀନ୍ ପରେ ଭାରତ ବିଶ୍ୱର ତୃତୀୟ ବୃହତ ଉର୍ଜା ବ୍ୟବହାରକାରୀ ରାଷ୍ଟ୍ର । ଭାରତ ବିଶ୍ୱର ଷଷ୍ଠ ବୃହତ୍ ଅର୍ଥନୀତି ହୋଇଥିବା ବେଳେ ଉର୍ଜା ବ୍ୟବହାର କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିବା; ଭାରତ ଆଗାମୀ ଦିନରେ ବିଶ୍ୱ ଉର୍ଜା ବ୍ୟବହାର ନେତୃତ୍ୱ ନେବା "ସମ୍ଭାବନାର ପ୍ରମାଣ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଆଗାମୀ ଦଶକ ଗୁଡିକରେ ଭାରତ ବିଶ୍ୱ ଉର୍ଜା ଚାହିଦାର କେନ୍ଦ୍ର ବିନ୍ଦୁ ହେବ ବୋଲି ସେ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ଦିନରେ ଟେକ୍ନୋଲୋଜି ମାଧ୍ୟମରେ କୋଇଲାକୁ ସ୍ୱଚ୍ଛ ସ୍ଥାୟୀ କରାଯାଇପାରୁଛି । ଓଡିଶାରେ ଏକ ସାର କାରଖାନା ସ୍ଥାପିତ କରାଯାଉଛି ଯାହା କୋଇଲାରୁ ଗ୍ୟାସ ପ୍ରସ୍ତୁତଟେକ୍ନୋଲୋଜିକୁ ଉପଯୋଗ କରିବାରେ ଦେଶରେ ପ୍ରଥମ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ନଭେମ୍ବର ୧୨ରୁ ଐତିହାସିକ ବାଲିଯାତ୍ରା

କଟକ /ଭୁବନେଶ୍ୱର, ୧୫।୧୦(ପି.ଏନ): ଆସନ୍ତା ନଭେମ୍ବର ୧୨ ତାରିଖରୁ କଟକର ଐତିହାସିକ ବାଲିଯାତ୍ରା ଆରମ୍ଭ ହେବ । ମହାନଦୀର ଗଡ଼ଗଡ଼ିଆ ଘାଟ କୂଳରେ ଏହି ମୁକ୍ତାକାଶ ବାଣିଜ୍ୟିକ ମେଳା ବାଲିଯାତ୍ରା ଏଥର ଆଠ ଦିନଧରି ଚାଲିବ । ବାଲିଯାତ୍ରା ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ଶେଷ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧକ୍ଷତାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକେ ପରେ ଜିଲ୍ଲାପାଳ କହିଥିଲେ ଯେ ଆସନ୍ତା ନଭେମ୍ବର ୧୨ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ଐତିହାସିକ ମେଳା ଅନୁଷ୍ଠିତ ହେବ । ଉଭୟ ତଳପଡିଆ ଓ ଉପର ପଡିଆରେ ଆୟୋଜନ ହେବ ବାଲିଯାତ୍ରା । ତଳପଡିଆରେ ୩୭ ଓ ଉପର ପଡିଆରେ ୧୦ ଏକର ଜାଗାରେ ବାଲିଯାତ୍ରାର ଆୟୋଜନ ହେବ । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଶାନ୍ତିପୂର୍ଣ୍ଣ ଭାବେ ବାଲିଯାତ୍ରା ଆୟୋଜନ କରାଯିବ । ତେବେ ଚଳିତବର୍ଷ ବାଲିଯାତ୍ରାରେ ସୁରକ୍ଷା ବ୍ୟବସ୍ଥାକୁ ମଧ କଡାକଡି କରାଯିବ । ପୂର୍ବରୁ ମହାନଦୀ ପଠାରେ ବାଲିଯାତ୍ରା ବନ୍ଦ କରିବାକୁ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ । ବାଲିଯାତ୍ରା ଫଳରେ ନଦୀ ପ୍ରଦୂଷଣ ହେଉଥିବାରୁ ବନ୍ଦ କରିବାକୁ କହିଥିଲେ ଗ୍ରୀନ ଟ୍ରିବ୍ୟୁନାଲ । ଯାହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପ୍ଲାଷ୍ଟିକ ବ୍ୟାନ ତଥା ଅନ୍ୟାନ୍ୟ ପ୍ରଦୁଷଣ ଯୁକ୍ତ ସାମଗ୍ରୀକୁ ଯାତ୍ରାରୁ ଦୂରେଇ ରଖାଯିବା ନେଇ ନିଷ୍ପତି ନିଆଯାଇଛି । ମେଳାରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ଇ-ରିକ୍ସା ବ୍ୟବସ୍ଥା କରାଯିବା ସହ ପଲିଥିନମୁକ୍ତ ବାଲିଯାତ୍ରା ପାଇଁ ପେପରବ୍ୟାଗ ବ୍ୟବହାରକୁ ମଧ ଗୁରୁତ୍ୱ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ସେହିଭଳି ବାଲିଯାତ୍ରାରେ ପରିମଳ ବ୍ୟବସ୍ଥା ପାଇଁ ଟେଣ୍ଡର ଡକାଯିବା ନେଇ ମହାନଗର ନିଗମ କମିଶନର କହିଛନ୍ତି ।

## ଜାମ୍ମୁ କାଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଇବା ଆତଙ୍କବାଦକୁ ସମାପ୍ତ କରିବା ଦିଗରେ ସବୁଠାରୁ ବଡ ପଦକ୍ଷେପ : ଅମିତ ଶାହ

ଗୁରୁଗ୍ରାମ, ୧୫।୧୦(ପି.ଏନ): ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ପାଇଁ ନରେନ୍ଦ୍ର ମୋଦିଙ୍କ ନିଷ୍ପତି ଏହି ଅଂଚଳରେ ନିରାପତା ଓ ଶାନ୍ତି ରକ୍ଷା ସହ ଆତଙ୍କବାଦର ସମାଧାନ ଦିଗରେ ସବୁଠାରୁ ବଡ ପଦକ୍ଷେପ । ପଡୋଶୀ ଦେଶ ବିରୋଧରେ ସୀମା ପାର ଆତଙ୍କବାଦ ବିରୁଦ୍ଧରେ ଲଢେଇ ଏବେ ନିର୍ଣ୍ଣାୟକ ମୋଡରେ ରହିଛି । ଗୁରୁଗ୍ରାମ ଠାରେ ଏନଏସଜିର ୩୫ ତମ ସ୍ଥାପନା ଦିବସ ଅବସରରେ ଶ୍ରୀ ଶାହ ଏହା କହିଛନ୍ତି । ସେ କହିଛନ୍ତି ଯେ ଆତଙ୍କବାଦ କୌଣସି ସଭ୍ୟ ସମାଜ ପ୍ରତି ଅଭିଶାପ । ଆତଙ୍କବାଦ ଦେଶର ବିକାଶରେ ସବୁଠାରୁ ବଡ ବାଧା । ଭାରତ ଅନେକ ଦିନ ଧରି ଆତଙ୍କବାଦ ଦ୍ୱାରା ଅଭିଶପ୍ତ । ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତଙ୍କବାଦ ବିରୁଦ୍ଧରେ ଜିରୋ ଟଲରେନ୍ସ ନୀତିରେ କାମ କରୁଛନ୍ତି । ସେ କହିଛନ୍ତି ଯେ ବର୍ତମାନ ସମୟରେ ଆଉ ପାରମ୍ପାରିକ ଯୁଦ୍ଧ ହୁଏ ନାହିଁ । ପଡୋଶୀ ଦେଶ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦ ଦ୍ୱାରା ଦେଶ ସବୁବେଳେ ପୀଡିତ । କାଶ୍ମୀରରେ ଧାରା ୩୭୦ ହଟାଇ ସେଠାରେ ଚିରକାଳୀନ ଶାନ୍ତି ସ୍ଥାପନା କରା ଯିବା ଦିଗରେ ପଦକ୍ଷେପ ନିଆ ଯାଇଛି ।

## ସ୍ୱାସ୍ଥ୍ୟ ସେବାର ବାସ୍ତବ ଚିତ୍ରକୁ ଲୁଚାଉଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର, ୧୫।୧୦(ପି.ଏନ): ଓଡିଶାର ସ୍ୱାସ୍ଥ୍ୟ ସେବାର ବାସ୍ତବ ଚିତ୍ରକୁ ଲୁଚାଇବା ପାଇଁ ରାଜ୍ୟ ସରକାର ନୂଆ ନୂଆ ଭେଳିକି ଦେଖାଉଛନ୍ତି ବୋଲି ମଙ୍ଗଳବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି ଓ ଦଳୀୟ ମୁଖପାତ୍ର ଗୋଲକ ମହାପାତ୍ର । ଶ୍ରୀ ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି ଯେ ମୋ ସରକାର ଯୋଜନା ପୂର୍ବରୁ ଓଡିଶାରେ କେଉଁ ସରକାର ଥିଲା ? କାହାର ଭାବମୂର୍ତି ବୃଦ୍ଧି କରିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ତଥା ୫ଟି ସଚିବଙ୍କ ଗସ୍ତ ପ୍ରଶ୍ନ ସୃଷ୍ଟି କରୁଛି । ୫ଟି ସଚିବଙ୍କ ମାରାଥନ ଗସ୍ତ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ କି ସ୍ୱାସ୍ଥ୍ୟ ସଚିବ ନାହାନ୍ତି କାହିଁକି ? ଆୟୁଷ୍ମାନ ଭାରତ ଲାଗୁ କରିବାକୁ ରାଜ୍ୟ ସରକାରଙ୍କୁ ବାରମ୍ବାର କୁହାଯାଉଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । କାରଣ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଲାଗୁ କରାଯାଇଥିଲେ ରାଜ୍ୟ ଥିବା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ପଦାରେ ପଡିଥାନ୍ତା । ତେଣୁ ଭାବମୂର୍ତି ମଳିନ ନପଡିବା ପାଇଁ ରାଜ୍ୟ ସରକାର ଆୟୁଷ୍ମାନ ଯୋଜନା ଲାଗୁ କରୁନାହାନ୍ତି । ରାଜ୍ୟରେ କେବଳ ଅମଲା ଶାସନ ଚାଲିଛି ଯାହା ପ୍ରମାଣିତ ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି । ରାଜ୍ୟରେ ଭୁବନେଶ୍ୱର ଓ ଭଦ୍ରକରେ ସ୍ୱାସ୍ଥ୍ୟ ସେବାରେ ବିକଳ ଚିତ୍ର ଦେଖାଯାଇଛି । ଅନ୍ୟପକ୍ଷରେ କାର୍ଯ୍ୟରେ ଅବହେଳା ପାଇଁ ସୁନ୍ଦରଗଡ ଏସଡିଏମଓଙ୍କୁ ନିଲମ୍ବନ କରାଯାଇଛି । ମାତ୍ର ସେହି ହସ୍ପିଟାଲରେ ମାତ୍ର ୬ ଜଣ ଲାବରୋଟୋରୀ ଟେକ୍‌ନିସିଆନ୍ ଅଛନ୍ତି । ହସ୍ପିଟାଲକୁ ମାସରେ ୨୫ ହଜାର ଲୋକ ଆସୁଥିବା ବେଳେ ମାତ୍ର ୬ ଜଣ ଲାବରୋଟୋରୀଙ୍କ ଦ୍ୱାରା ସମସ୍ତଙ୍କ ପରୀକ୍ଷା ହେବା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ବାସ୍ତବରେ ଲୋକଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା ନବଢାଇ ସସପେଣ୍ଡ କରାଯିବା କେତେଦୂର ଠିକ୍ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ପ୍ରଶ୍ନ କରିଛନ୍ତି ଶ୍ରୀ ମହାପାତ୍ର । ନୀତି ଆୟୋଗ ରିପୋର୍ଟ ଅନୁଯାୟୀ ଓଡିଶା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ତଳଆଡୁ ୩ ନମ୍ବରରେ ଅଛି । ୨୦ ବର୍ଷର ମୁଖ୍ୟମନ୍ତ୍ରୀଙ୍କ ଶାସନ ପରେ ୨୦୧୫-୧୬ ତୁଳନାରେ ୨୦୧୭-୧୮ରେ ଓଡିଶା ସ୍ୱାସ୍ଥ୍ୟ କ୍ଷେତ୍ରରେ ୩.୪୬ ପ୍ରତିଶତ ପଛେଇଛି । ଏହାର ପ୍ରମୁଖ କାରଣ ପୂର୍ବବର୍ଷ ଟିକାଦାନ ହାର ୮୫.୩ ଥିବାବେଳେ ଏହା ୫୯.୮ ପ୍ରତିଶତ ତଳକୁ ଖସିଆସିଛି । ଆନୁଷ୍ଠାନିକ ପ୍ରସବ ହାରରେ ରାଜ୍ୟ ଗତବର୍ଷ ତୁଳନାରେ ୭୩ ପଏଂଟରୁ ୭୦ ପଏଂଟକୁ ଖସିଆସିଛି । ଟିବି ନୋଟିଫିକେସନ ରେଟ୍ ପ୍ରତି ୧ ଲକ୍ଷ ଲୋକରେ ୧୫୯ରେ ପହଁଚିଛି । ଯାହା ପୂର୍ବରୁ ୯୯ ଥିଲା । ଟିବି ଚିକିତ୍ସା ସଫଳତା ରେଟ୍ ୭୨.୫ ପ୍ରତିଶତକୁ ଖସିଆସିଛି । ଯାହା ପୂର୍ବରୁ ୮୮.୯ ପ୍ରତିଶତ ଥିଲା । ପିଏଚସି ମାନଙ୍କରେ ମେଡିକାଲ ଅଫିସରଙ୍କ ଖାଲିପଦ ୩୧.୯ ପ୍ରତିଶତରେ ପହଁଚିଛି । ଯାହା ପୂର୍ବରୁ ୨୬.୯ ଥିଲା । ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ପେଶାଲିଷ୍ଟଙ୍କ ଖାଲି ପଦବୀ ୨୭.୪ ପ୍ରତିଶତରେ ପହଁଚିଛି ଯାହା ପୂର୍ବରୁ ୧୯ ପ୍ରତିଶତ ଥିଲା । ମ୍ୟାଲେରିଆ ମୃତ୍ୟୁ ହାରରେ ମଧ୍ୟ ଓଡିଶା ତୃତୀୟ ସ୍ଥାନରେ ରହିଛି । ଦିନରାତି ୨୪ ଘଂଟିଆ କାମ କରୁଥିବା ପିଏଚସି ସଂଖ୍ୟା ୩୦ ପ୍ରତିଶତରୁ ୨୭ ପ୍ରତିଶତକୁ ଖସିଛି । ଜନ୍ମ ପଞ୍ଜିକରଣ ମଧ୍ୟ ହ୍ରାସ ପାଇଛି ବୋଲି ସେ କହିଛନ୍ତି । ରାଜ୍ୟ ସରକାରଙ୍କ ବିଧାନସଭା ପ୍ରଦତ ତଥ୍ୟରୁ ଜଣାପଡିଛି ଯେ ରାଜ୍ୟରେ ୨୮୫୧ ଡାକ୍ତର ପଦବୀ ଖାଲି ପଡିଛି । ୧୧୨ ପିଏଚସିରେ ବିଜୁଳି ନାହିଁ । ୫୨୯୮ ଉପ ସ୍ୱାସ୍ଥ୍ୟ କେନ୍ଦ୍ରରୁ ୧୨୩୯ଟି ଉପକେନ୍ଦ୍ରର ନିଜସ୍ୱ ଘର ନାହିଁ । ୧୮ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ନାହିଁ । ୮୭ ପ୍ରତିଶତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ନାହାନ୍ତି । ୫୭ ପ୍ରତିଶତ ପିଏଚସିରେ ନିୟମିତ ଡାକ୍ତର ନାହାନ୍ତି । ୨୫ ପ୍ରତିଶତ ପିଏଚସିରେ ସ୍ୱାସ୍ଥ୍ୟ ସହାୟକ ପଦବୀ ଖାଲି ପଡିଛି । ଏଥିରୁ ଓଡିଶାର ବାସ୍ତବ ସ୍ୱାସ୍ଥ୍ୟ ଚିତ୍ର ସମ୍ପୂର୍ଣ୍ଣ ପ୍ରତିଫଳିତ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ସ୍ୱାସ୍ଥ୍ୟ ସେବାର ବାସ୍ତବ ଚିତ୍ରକୁ ଲୁଚାଇବା ପାଇଁ ନୂଆ ନୂଆ ନାଟକ କରୁଛନ୍ତି ବୋଲି ସେ କହିଛନ୍ତି ।

## ନିବେଶ ବୃଦ୍ଧି କରିବା ଓ ମେକ ଇନ ଇଣ୍ଡିଆର ସମର୍ଥନ ଲାଗି ସିବିଆଇସି ଓ ସୀମା ଶୁଳ୍କ ବିଭାଗ ପକ୍ଷରୁ ନୂଆ ଯୋଜନା

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫।୧୦(ପି.ଏନ): ଦେଶରେ ନିବେଶ ବୃଦ୍ଧି କରିବାଓ ମେକ ଇନ ଇଣ୍ଡିଆ କାର୍ଯ୍ୟକ୍ରମକୁ ସମର୍ଥନ କରିବା ଉଦ୍ଦେଶ୍ୟରେକେନ୍ଦ୍ରୀୟ ପରୋକ୍ଷଟିକସ ଓ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ପକ୍ଷରୁ ଏକ ସଂଶୋଧିତ ଏବଂ ସୁବ୍ୟବସ୍ଥିତ ଯୋଜନା ଆରମ୍ଭ କରାଯାଇଛି । ସୀମା ଶୁଳ୍କଆଇନ ୧୯୬୨ର ବଣ୍ଡ ଯୋଜନା ଅନ୍ତର୍ଗତ ଉତ୍ପାଦନ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ମାଧ୍ୟମରେ ଏହି ନୂଆ ଯୋଜନା ଲାଗୁ କରାଯିବ । ସୀମା ଶୁଳ୍କ ଆଇନ, ୧୯୬୨ର ଧାରା ୬୫ କୌଣସି ସୀମାଶୁଳ୍କ ପଣ୍ୟାଗାରରେ ଉତ୍ପାଦନ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ କରିବା ଲାଗି କ୍ଷମତା ଦେଇଥାଏ । ସ୍ୱଚ୍ଛ ଓ ପାରଦର୍ଶୀ ପ୍ରକ୍ରିୟା, ପରିଚାଳନା ସମ୍ବନ୍ଧୀୟ ଆବଶ୍ୟକତା, ଆଇସିଟି ଆଧାରିତ କାଗଜପତ୍ରପ୍ରସ୍ତୁତି ଏବଂ ହିସାବ କିତାବ ରଖିବା ବ୍ୟବସ୍ଥା ସହିତଏହି ଯୋଜନାର ଆଧୁନିକୀ କରଣ କରାଯାଇଛି । ଏହାକୁ ପଣ୍ୟାଗାର (ସଂଖ୍ୟା-୨)ରେ ଉତ୍ପାଦନ ଏବଂ ଅନ୍ୟ ପରିଚାଳନା ନିୟମାବଳୀ, ୨୦୧୯ ଏବଂ ସର୍କୁଲାର ୩୪/୨୦୧୯ ଜରିଆରେ ଲାଗୁ କରାଯାଇଛି, ଯାହାକି ଅକ୍ଟୋବର ୧, ୨୦୧୯ରେ ଜାରି କରାଯାଇଥିଲା । ଏହି ଯୋଜନାରେ ପରିଚାଳନାରେ ସମାନତା ଆଣିବା ଲାଗି ଏକକ ଆବେଦନ ସହ ମଞ୍ଜୁରି ଫର୍ମ ନିର୍ଦ୍ଧାରିତ କରାଯାଇଛି । ସୀମା ଶୁଳ୍କର କ୍ଷମତାପ୍ରାପ୍ତ ଆୟୁକ୍ତ ଏପରି ୟୁନିଟର ପ୍ରତିଷ୍ଠା ତଥା ଏହାର ପରିଚାଳନାକୁ ନିକଟରୁ ଅନୁଧ୍ୟାନ କରିବା ଲାଗି ମଞ୍ଜୁରିର ଏକକ କେନ୍ଦ୍ର ବିନ୍ଦୁ ଭାବେ କାମ କରିବେ । ଏପରି କୌଣସି ଭୌଗୋଳିକ ସୀମା ନାହିଁ ଯେଉଁଠି ଏପରି ୟୁନିଟ ପ୍ରତିଷ୍ଠା କରାଯାଇପାରିବ ନାହିଁ । ସୀମା ଶୁଳ୍କ ସ୍ଥଗିତକରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୃକ୍ତ ୟୁନିଟ ବିଭିନ୍ନ ବସ୍ତୁ (କଂଚାମାଲ ଓ ପୁଞ୍ଜିଗତ ସାମଗ୍ରୀ)ର ଆମଦାନୀ କରିପାରିବ । ଯଦି ପ୍ରକ୍ରିୟାକୃତ ବସ୍ତୁ ରପ୍ତାନୀ କରାଯାଏ ତେବେ ସମ୍ପୃକ୍ତ ଶୁଳ୍କକୁ ସମ୍ପୂର୍ଣ୍ଣ ଭାବେ ଛାଡ଼ କରି ଦିଆଯାଏ । ସେହିପରି ଏହାର ଅନ୍ତର୍ଗତ କୌଣସି ସୁଧ ଦେବାକୁ ପଡିବ ନାହିଁ ଏବଂ ଉନ୍ନତ ଲିକ୍ୟୁଡିଟି ସହିତ ସମ୍ପୃକ୍ତ ୟୁନିଟ ଲାଭବାନ ହେବ । ଧାରା ୬୫ ଅଧୀନରେ ଆସୁଥିବା ୟୁନିଟରେ ଉତ୍ପାଦନ ଏବଂ ଅନ୍ୟ ପରିଚାଳନାରେ ଉପଯୋଗ ଲାଗି ଘରୋଇ ବଜାରରୁ ଜିଏସଟି ଅନୁରୂପ ବସ୍ତୁ କ୍ରୟ କରାଯାଇ ପାରେ । କାରବାରରେ ସୁଗମତା ସହିତ ସହଜ ଅନୁପାଳନ ପାଇଁ ଏକକ ଡିଜିଟାଲ ଖାତାକୁ ନିର୍ଦ୍ଧାରିତ କରାଯାଇଛି । ସିବିଆଇସି ଏହି ଯୋଜନା ବାବଦରେ ଆବଶ୍ୟକ ସୂଚନା ପ୍ରଦାନ କରିବା ତଥା ନିବେଶକଙ୍କ ସୁବିଧା ପାଇଁ ଇନଭେଷ୍ଟ ଇଣ୍ଡିଆ ସହିତ ମିଶି ଏକ ସ୍ୱତନ୍ତ୍ର ମାଇକ୍ରୋସାଇଟର ଶୁଭାରମ୍ଭ କରିଛି । ଏହା https://www.investindia.gov.in/bonded-manufacturing ରେ ଉପଲବ୍ଧ । ଭାରତରେ ନିବେଶ ବୃଦ୍ଧି କରିବା ତଥା ବ୍ୟବସାୟିକ ସୁଗମତା ସୁନିଶ୍ଚିତ କରିବା ଲାଗି ଏହି ଯୋଜନା ଅତ୍ୟନ୍ତ ସହାୟକ ହେବ ବୋଲି ଆଶା କରାଯାଉଛି । ଏହାଦ୍ୱାରା 'ମେକ ଇନ ଇଣ୍ଡିଆ' କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବ, ରପ୍ତାନୀକୁ ପ୍ରୋତ୍ସାହନ ମିଳିବ, ଇଲେକ୍ଟ୍ରୋନିକ ଉତ୍ପାଦର ଆସେମ୍ବ୍ଲିଂ,ମରାମତି ଓ ନବୀକରଣ, ଅନ୍ତର୍ମୁଖୀ ଓ ବହୁମୁଖୀ କାର୍ଯ୍ୟକଳାପ ସହିତବୈଶ୍ୱିକ ଇ-କମର୍ସ କେନ୍ଦ୍ର ପ୍ରତିଷ୍ଠା ଲାଗି ସୁବିଧା ପ୍ରଦାନ କରିବା ସମ୍ଭବ ହୋଇପାରିବ ।








## ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ



ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଉଦର ବ୍ୟବହାର କରନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ



ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।



# ରୀୟାଙ୍କ ଅଧୁରା ସ୍ୱପ୍ନ

ଓଡ଼ିଆ ସିନେ ଜଗତର ଜଣେ ଲୋକପ୍ରିୟ ହଟ୍ ଆଣ୍ଡ ସେକ୍ସି ହିରୋଇନ୍ ତାଲିକାର ଶୀର୍ଷରେ ଥିବା ରୀୟା ଦେ ଇତିମଧ୍ୟରେ ବେଶ କେତୋଟି ସିନେମାରେ ଅଭିନୟ କରିସାରିଲେଣି। ଇତିମଧ୍ୟରେ ସେ ଓଲିଉଡ୍‌ର ଅଧିକାଂଶ ଟପ୍ ନିର୍ଦ୍ଦେଶକ ଓ ନାମୀ ପ୍ରଯୋଜନା ସଂସ୍ଥାର ଫିଲ୍ମରେ ବି କାମ କରିସାରିଲେଣି। ଖାଲି ସେତିକି ନୁହେଁ ସେ ଓଡ଼ିଆ ଚଳଚ୍ଚିତ୍ରର ଅଧିକାଂଶ ଲୋକପ୍ରିୟ ନାୟକଙ୍କ ବିପକ୍ଷରେ ପରଦାରେ ମଧ୍ୟ ରୋମାନ୍ସ କରିବାର ସୁଯୋଗ ପାଇଛନ୍ତି। ଏବେ ଆପଣମାନେ ପଚାରିବେ, ରୀୟା ଏତେ ସବୁ ସଫଳତା ପାଇବା ସତ୍ତ୍ୱେ ତାଙ୍କର ସ୍ୱପ୍ନ କିପରି ପୂରଣ ହୋଇପାରିନାହିଁ? ରୀୟା ଏକଦା ଏକ ସାକ୍ଷାତକାରରେ କହିଥିଲେ ଯେ ଓଲିଉଡ୍‌ର ନାମୀ ନାୟକ ଅନୁଭବ ମହାନ୍ତିଙ୍କ ନାୟିକା ଭାବେ ପରଦାରେ ଦେଖା ଦେବାକୁ ଚାହାଁନ୍ତି। ହେଲେ ଏହି ଅଭିଳାଷ ତାଙ୍କର ଏଯାବତ୍ ଅପୂରଣୀୟ ହୋଇ ରହିଯାଇଛି। କାରଣ ତାଙ୍କୁ କୌଣସି ନିର୍ମାତା/ ନିର୍ଦ୍ଦେଶକ ଅନୁଭବଙ୍କ ସହ ଫିଲ୍ମର ଅଫର୍ କରୁନାହାନ୍ତି। ଏଠାରେ ସୂଚନାଯୋଗ୍ୟ କି ରୀୟା ଇତିମଧ୍ୟରେ ସିଦ୍ଧାନ୍ତ, ଅରିନ୍ଦମ୍, ବାବୁସାନ୍, ସବ୍ୟସାଚୀ, ଆକାଶ ଓ ଅଭିଷେକ ପ୍ରମୁଖଙ୍କ ବିପକ୍ଷରେ ରୂପେଲି ପରଦାରେ ନଜର ଆସିଛନ୍ତି ନାୟିକା ଭାବେ। ଦେଖାଯାଉ, କେବେ ରୀୟାଙ୍କ ଉପରେ ଅନୁଭବଙ୍କର କୌଣସି ନିର୍ମାତା/ ନିର୍ଦ୍ଦେଶକଙ୍କର ଶୁଭଦୃଷ୍ଟି ପଡୁଛି। ଯଦ୍ୱାରା ତାଙ୍କର ଏହି ସ୍ୱପ୍ନ ପୂରଣ ହେବ!

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି



ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆମ୍ଭକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

